REGIONAL NEWS UNIT, AIR CUTTACK

Morning Bulletin (7.05 AM)

5 March – 2026

ରାଜ୍ୟସଭା ପ୍ରାର୍ଥୀ ନାମାଙ୍କନପତ୍ର

୧୦ଟି ରାଜ୍ୟର ୩୭ଟି ରାଜ୍ୟସଭା ଆସନ ପାଇଁ ଆଜି ହେଉଛି ନାମାଙ୍କନପତ୍ର ଦାଖଲର ଶେଷ ଦିବସ। ଆସନ୍ତାକାଲି ପ୍ରାର୍ଥୀପତ୍ର ଯାଞ୍ଚ ସହ ୯ ତାରିଖକୁ ପ୍ରତ୍ୟାହାରର ଶେଷ ତାରିଖ ରଖାଯାଇଛି। ଆସନ୍ତା ୧୬ ତାରିଖ ଦିନ ଏହି ଆସନଗୁଡ଼ିକ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ସେଥିମଧ୍ୟରେ ଓଡ଼ିଶାର ୪ଟି ରାଜ୍ୟସଭା ଆସନ ଅର୍ନ୍ତଭୁକ୍ତ। ରାଜ୍ୟସଭା ନିର୍ବାଚନ ପାଇଁ ବିଜେପି ପକ୍ଷରୁ ଦୁଇ ଜଣଙ୍କ ନାମ ଘୋଷଣା କରାଯାଇଛି। ଓଡ଼ିଶା ରାଜ୍ୟଶାଖା ସଭାପତି ମନମୋହନ ସାମଲ ଏବଂ ସୁଜିତ କୁମାର ଦଳ ପକ୍ଷରୁ ପ୍ରାର୍ଥୀ ହୋଇଛନ୍ତି। ସ୍ୱାଧୀନ ପ୍ରାର୍ଥୀଭାବେ ଦିଲ୍ଲୀପ ରାୟ ରାଜ୍ୟସଭା ନିର୍ବାଚନ ଲଢ଼ିବେ ବୋଲି ଘୋଷଣା କରିଛନ୍ତି। ତାଙ୍କ ପ୍ରାର୍ଥିତ୍ୱକୁ ବିଜେପି ପକ୍ଷରୁ ସମର୍ଥନ କରାଯାଇଛି। ଅନ୍ୟପକ୍ଷରେ ବିଜୁ ଜନତା ଦଳ ପକ୍ଷରୁ ଡକ୍ଟର ସନ୍ତୃପ୍ତ ମିଶ୍ର ଏବଂ ସାଧାରଣ ପ୍ରାର୍ଥୀ ଭାବେ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ମନୋନୀତ କରାଯାଇଛି।

ଅମିତ୍ ଶାହା-ଓଡ଼ିଶା ଗସ୍ତ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜିଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଶ୍ରୀ ଶାହା ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିବେ । ଆସନ୍ତାକାଲି ସକାଳେ କଟକ ମୁଣ୍ଡୁଳିସ୍ଥିତ ସି.ଆଇ.ଏସ୍.ଏଫ୍.ର ପ୍ରତିଷ୍ଠା ଦିବସରେ ଯୋଗ

ଦେବାର କାର୍ଯ୍ୟସୂଚୀ ରହିଛି । ଅପରାହ୍ଣରେ ଜଟଣୀଠାରେ ଜାତୀୟ ଫୋରେନ୍‌ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଓ କେନ୍ଦ୍ରୀୟ ଫୋରେନ୍‌ସିକ୍ ବିଜ୍ଞାନ ପରୀକ୍ଷାଗାରର ଭୁବନେଶ୍ୱର କ୍ୟାମ୍ପସ୍ ପାଇଁ ଭୂମିପୂଜନ କରିବେ । ପରେ ଭୁବନେଶ୍ୱରସ୍ଥିତ ଇଡ଼୍‌କୋ ପ୍ରଦର୍ଶନୀ ପଡ଼ିଆ ନ୍ୟାୟ ସଂହିତା ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

ରାଇସିନା ଡାଇଲଗ୍

ରାଇସିନା ବାର୍ତ୍ତାଳାପର ଏକାଦଶ ସଂସ୍କରଣ ଆଜିଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେଉଛି । ଫିନ୍‌ଲାଣ୍ଡ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡାର ଷ୍ଟବ୍ ବାର୍ତ୍ତାଳାପରେ ମୁଖ୍ୟ ଅତିଥି ରୂପେ ଯୋଗଦେବେ । ଏହା ହେଉଛି ଭାରତର ଭୂ-ରାଜନୈତିକ ଏବଂ ଭୂ-ଅର୍ଥନୈତିକ ସମେତ ବିବିଧ ପ୍ରସଙ୍ଗକୁ ନେଇ ବହୁପକ୍ଷୀୟ ବାର୍ଷିକ ସମ୍ମିଳନୀ । ୨୦୧୬ ମସିହାରୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ଅବ୍‌ଜର୍‌ଭର ଗବେଷଣା ପ୍ରତିଷ୍ଠାନଦ୍ୱାରା ମିଳିତ ଭାବେ ଆୟୋଜିତ ହୋଇଆସୁଥିବା ଏହି ସମ୍ମିଳନୀରେ ବିଶ୍ୱସ୍ତରୀୟ ନେତୃବୃନ୍ଦ, ନୀତି ନିର୍ଦ୍ଧାରକ ଓ ବୁଦ୍ଧିଜୀବୀମାନେ ଯୋଗଦେଇ ଅନେକ ଗୁରୁତ୍ୱପୂର୍ଣ୍ଣ ଆନ୍ତର୍ଜାତିକ ଆହ୍ୱାନର ସଫଳ ମୁକାବିଲା ନେଇ ମତ ବିନିମୟ କରିଥା'ନ୍ତି ।

ଗୋ-ହୋମ୍‌ଷ୍ଟେ ପୋର୍ଟାଲ

ଓଡ଼ିଶା ହୋମ୍‌ଷ୍ଟେ ୱାର୍କସପ୍ ଏବଂ ଗୋ-ହୋମ୍‌ଷ୍ଟେ ପୋର୍ଟାଲର ଆଜି ଶୁଭାରମ୍ଭ ହେବ । ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କାର୍ଯ୍ୟକ୍ରମରେ ଯୋଗଦେଇ ପୋର୍ଟାଲର ଶୁଭାରମ୍ଭ କରିବେ ।

ଡିଜି-ସାମ୍ବାଦିକ ସମ୍ମିଳନୀ

ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଆଜି ଭୁବନେଶ୍ୱର ପୋଲିସ୍ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରିବେ । ଏହି ପରିପ୍ରେକ୍ଷୀରେ ଶ୍ରୀ ଖୁରାନିଆ ଭାରତୀୟ ନ୍ୟାୟ ସଂହିତାର କାର୍ଯ୍ୟକାରିତା ଏବଂ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ନ୍ୟାୟ ସଂହିତା ପ୍ରଦର୍ଶନୀ ସଂପର୍କରେ ଆଲୋଚନା କରିବେ ବୋଲି ପୋଲିସ୍ ପ୍ରଶାସନ ପକ୍ଷରୁ କୁହାଯାଇଛି ।

ଦର୍ଶନ ବନ୍ଦ

ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରୀଜୀଉଙ୍କ ବନକ ଲାଗି ନୀତି ଅନୁଷ୍ଠିତ ହେବ । ଦ୍ୱିତୀୟ ଭୋଗ ମଣ୍ଡପ ଶେଷ ହେବା ପରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ।

ଶ୍ରମଯୋଗୀ ମାନଧନ ଯୋଜନା

ଅଣସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କୁ ବୃଦ୍ଧାବସ୍ଥାରେ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ପାଇଁ ୨୦୧୯ମସିହା ଆଜିର ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନା'ର ଶୁଭାରମ୍ଭ କରିଥିଲେ । ସରକାର ଓ ଶ୍ରମିକ ଉଭୟଙ୍କ ୫୦ ପ୍ରତିଶତ ଲେଖାଏଁ ଯୋଗଦାନରେ ଏହି ଯୋଜନାରେ ଶ୍ରମିକମାନଙ୍କୁ ଅତିକମ୍‌ରେ ମାସକୁ ୩ ହଜାର ଟଙ୍କା ଲେଖାଏଁ ପେନସନ ପ୍ରଦାନ କରାଯାଉଛି । ୬୦ ବର୍ଷରୁ ଊର୍ଦ୍ଧ୍ୱ ପ୍ରତ୍ୟେକ ଶ୍ରମିକ ଏହି ଯୋଜନାର ହିତାଧିକାରୀ ହୋଇପାରିବେ ।

କଣ୍ଟ୍ରୋଲ୍ ରୁମ୍

ପଶ୍ଚିମ ଏସିଆ ଏବଂ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ ସୃଷ୍ଟ ପରିସ୍ଥିତିକୁ ଦୃଷ୍ଟିରେ ରଖି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କଣ୍ଟ୍ରୋଲ୍ ରୁମ୍ ସ୍ଥାପନ କରାଯାଇଛି । ଏଥିଲାଗି ଜାରି କରାଯାଇଥିବା ଟୋଲ୍ ଫ୍ରି ନମ୍ବର ଗୁଡ଼ିକ ହେଉଛି ୧୮୦୦-୧୧-୮୭୯୭, ୧୧୨୩୦୧୨୧୧୩ । ଏହି କଣ୍ଟ୍ରୋଲ୍ ରୁମ୍ ସକାଳ ୯ଟାରୁ ରାତି ୯ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିଛି ।

ହୋଲି-ଅଘଟଣ

ଆନନ୍ଦ ଉଲ୍ଲାସ ଓ ରଙ୍ଗର ପର୍ବ ହୋଲି ଗତକାଲି ପାଳନ କରାଯାଇଛି । ତେବେ ଏହି ସମୟରେ ବିଭିନ୍ନ ସ୍ଥାନରେ କେତେକ ଅଘଟଣ ଘଟିଥିବା ଜଣାପଡ଼ିଛି । ପାଣିରେ ଗାଧୋଇବା ସମୟରେ ବିଭିନ୍ନ ନଦୀରେ ବୁଡ଼ି

ତଥା ସଡ଼କ ଦୁର୍ଘଟଣାରେ ୯ ଜଣଙ୍କର ମୃତ୍ୟୁ ହୋଇଥିବା ଖବର ଆମର ହସ୍ତଗତ ହୋଇଛି ।

ଅଭିଯୋଗ ଶୁଣାଣି

ମହିଳାଙ୍କ ଅଧିକାର, କଲ୍ୟାଣ ଏବଂ ଅନ୍ୟାନ୍ୟ ସମସ୍ୟା ସହ ଜଡିତ ଅଭିଯୋଗର ଶୁଣାଣି ପାଇଁ ଆସନ୍ତାକାଲି ପୂର୍ବାହ୍ନ ୧୦ଟାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଜାତୀୟ ମହିଳା ଆୟୋଗ ଏବଂ ରାଜ୍ୟ ମହିଳା ଆୟୋଗର ମିଳିତ ସହଯୋଗରେ ଭୁବନେଶ୍ୱର ଲକ୍ଷ୍ମୀସାଗରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ସଭାଗୃହରେ ହେବାକୁଥିବା ଜନଶୁଣାଣିରେ ଅଭିଯୋଗ ଗୁଡ଼ିକର ସମାଧାନ ଚାହୁଁଥିବା ଅଭିଯୋଗକାରୀ ମହିଳା ଓ ଅନ୍ୟପକ୍ଷମାନେ ଉପସ୍ଥିତ ରହି ନିଜ ପକ୍ଷ ଉପସ୍ଥାପନ କରିପାରିବେ। ଏହାର ସୁଯୋଗ ନେବାକୁ ଆୟୋଗଙ୍କ ପକ୍ଷରୁ ଅନୁରୋଧ କରାଯାଇଛି ।

ପାଣିପାଗ

ରାଜ୍ୟରେ ଦିନର ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଗତକାଲି ୨୧ଟି ସହରର ତାପମାତ୍ରା ୩୫ ଡିଗ୍ରୀ ସେଲ୍‌ସିୟସ୍ ଊର୍ଦ୍ଧ୍ୱରେ ରେକର୍ଡ କରାଯାଇଥିଲା । ଝାରସୁଗୁଡ଼ାଠାରେ ସର୍ବାଧିକ ତାପମାତ୍ରା ୩୯ ଦଶମିକ ୬ ଡିଗ୍ରୀ ସେଲ୍‌ସିୟସ୍ ରହିଥିଲା । ଆସନ୍ତା ସପ୍ତାହେ ମଧ୍ୟରେ

ତାପମାତ୍ରାରେ ବିଶେଷ ପରିବର୍ତ୍ତନ ନଥିବା ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।

.....